Achievements

## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ଛତୁ ଉଦ୍ୟୋଗୀ ପୁରସ୍କୃତ

ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକର ଛତୁଚାଷୀ ରମେଶ ଚନ୍ଦ୍ର ପଟ୍ଟନାୟକ ଜଣେ ଉଦ୍ୟୋଗୀ ଚାଷୀ । ବେସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଭାବରେ ଅବସର ଗ୍ରହଣ କରିବା ପରେ ସେ ନିଜ ରୋଜଗାରର ପନ୍ଥା ସମୟରେ ଛତୁର ବଜାର ଚାହିଦା ବିଷୟରେ ଅବଗତ ହେଲେ ଏବଂ ସେଥିରେ ପ୍ରଭାବିତ ହୋଇ ଛତୁଚାଷ କରିବା ପାଇଁ ସ୍ଥିର କରିଥିଲେ । ମାତ୍ର ଦୁଇ ଡେସିମିଲି ନିଜସ୍ୱ ଜାଗାରେ ପ୍ରାଥମିକ ଅବସ୍ଥାରେ ଆରମ୍ଭ କରିଥିଲେ ଛତୁଚାଷ । ଛତୁଚାଷର ସମସ୍ତ କାର୍ଯ୍ୟ ଯେପରିକି ନଡ଼ା ବିଶୋଧନ, ଛତୁଗୃହ ବିଶୋଧନ ଓ ଛତୁ ବେଡ଼ର ପରିଚାଳନା ଆଦି କାର୍ଯ୍ୟକୁ ସେ ଜୈବିକ ପଦ୍ଧତିରେ ସମ୍ପାଦନ କରୁଛନ୍ତି । ଶ୍ରୀ ପଟ୍ଟନାୟକ ଉତ୍ପାଦନ କରୁଥିବା ଛତୁର ଆକାର ଏବଂ ସ୍ୱାଦ ଅନ୍ୟମାନଙ୍କ ଠାରୁ ନିଆରା ହୋଇଥିବାରୁ ତାଙ୍କ ଛତୁର ଚାହିଦା ଗ୍ରାହକମାନଙ୍କ ନିକଟରେ ଅତ୍ୟଧିକ । ତେଣୁ ସେ ନିଜର ସ୍ୱଳ୍ପ ଜାଗାରେ ଛତୁ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଅଭିନବ ଉପାୟରେ ଫଳ ଓ ପନିପରିବା ଚୋପା, ଗୁଡ଼ ଓ ପାଣିର ମିଶ୍ରଣକରି ତାକୁ ତିନିମାସ ସଢ଼ାଇ ଏକ ଜୈବିକ ଏନ୍‌ଜାଇମ୍ ପ୍ରସ୍ତୁତ କରିଛନ୍ତି । ଯାହା ପ୍ରୟୋଗ କରି ସେ ଛତୁ ଉତ୍ପାଦନକୁ ବୃଦ୍ଧି କରି ପାରିଛନ୍ତି । ଏହି ଜୈବିକ ଏନ୍‌ଜାଇମ୍‌କୁ ସେ ୧୬ ଲିଟର ପାଣିରେ ୧୦୦ ମି.ଲି. ମିଶାଇ ଛତୁ ବେଡ଼ରେ ପ୍ରୟୋଗ କରିବା ଦ୍ୱାରା ପାଳଛତୁର ଉତ୍ପାଦନ ୨୦-୩୦ ପ୍ରତିଶତ ବୃଦ୍ଧି ପାଉଛି ଏବଂ ଛତୁ କଢ଼ର ଆକାର ମଧ୍ୟ ବଢୁଛି । ସେହିପରି ଧିଙ୍ଗିରି ଛତୁରେ ମଧ୍ୟ ଉତ୍ପାଦନ ହାରାହାରି ୩୦-୩୫ ପ୍ରତିଶତ ବୃଦ୍ଧି ହେଉଛି । ଛତୁ ଚାଷରେ ଏହି ଉଦ୍ୟୋଗୀଙ୍କ ସଫଳତା ପାଇଁ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । କୃଷି ବିଜ୍ଞାନ କେନ୍ଦ୍ରରୁ ଅଭିନବ ଓ ଉଦ୍ୟୋଗମୂଳକ ଭାବରେ ଛତୁଚାଷ କରିବା ପାଇଁ ତାଙ୍କୁ କୃଷି ବିଶ୍ୱବିଦ୍ୟାଳୟର ସ୍ଥାପନା ଉତ୍ସବରେ ସମ୍ମାନିତ କରାଯାଇଥିଲା । ଭାରତ ସରକାରଙ୍କ ତରଫରୁ ଆୟୋଜିତ ପୂର୍ବଭାରତୀୟ କୃଷି ସମ୍ମିଳନୀ, ବିହାର ରାଜ୍ୟର ଭାଗଲପୁର ଠାରେ ମଧ୍ୟ ସେ ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକ ଛତୁ ଚାଷ ଓ ଚାଷୀମାନଙ୍କ ପାଇଁ ଏକ ଗୌରବମୟ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛନ୍ତି ।



## କ୍ଲଷ୍ଟର ଡେମୋନଷ୍ଟ୍ରେସନ ଜରିଆରେ ବିଲମଟର ଫସଲର ଆଗୁଆ ଧାଡ଼ି ପ୍ରଦର୍ଶନ



ସାଧାରଣତଃ ଜଳସେଚିତ ଅଞ୍ଚଳରେ ଧାନ ପରେ ଚାଷୀମାନେ କିଛି ଡାଲିଜାତୀୟ କିମ୍ବା ତୈଳବୀଜ ଫସଲ ଚାଷ କରିଥାନ୍ତି । କିନ୍ତୁ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ସେମାନେ ଏଥିରୁ ବହୁତ୍ କମ୍ ଉତ୍ପାଦନ ପାଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ପକ୍ଷରୁ କ୍ଲଷ୍ଟର ଡେମୋନଷ୍ଟ୍ରେସନ କାର୍ଯ୍ୟକ୍ରମ ମାଧ୍ୟମରେ ବିଲମଟରର ପ୍ରଦର୍ଶନ ପାଇଁ ସ୍ଥିର କରାଯାଇଥିଲା । ଏଥିପାଇଁ ବିଶ୍ରା ବ୍ଲକ୍‌ର ଖଟନକୁଦର ଏବଂ କୁଆଁରମୁଣ୍ଡା ବ୍ଲକ୍‌ର ପୁଟରିଖମନ ଗ୍ରାମକୁ ବଛାଯାଇଥିଲା । ଗ୍ରାମରେ ଏକ ସଭା ଆୟୋଜନ କରି ହିତାଧିକାରୀ ଏବଂ ସେମାନଙ୍କ ଜମି ଚିହ୍ନଟ କରାଯାଇଥିଲା । ଏଥିନିମନ୍ତେ ସେମାନଙ୍କୁ ବିଲମଟର କିସମ 'ପ୍ରକାଶ' ବିହନ ବିଶୋଧନ ପାଇଁ ବାଭିଷ୍ଟିନ୍, ଉପଚାର ପାଇଁ ରାଇଜୋବିୟମ୍, ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ଏବଂ ବିଭିନ୍ନ ରୋଗ ପୋକ ପାଇ ରାସାୟନିକ ଔଷଧମାନ ପ୍ରଦାନ କରାଯାଇଥିଲା । ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ବିହନ ବିଶୋଧନ ଉପଚାର, ଘାସ ନିୟନ୍ତ୍ରଣ, ସାର ପ୍ରୟୋଗ, ରୋଗପୋକ ନିୟନ୍ତ୍ରଣ ଆଦି ବାବଦରେ ବୁଝା ଯାଇଥିଲା ।



ଏହି ଉପାୟରେ ଚାଷକରି ସେମାନେ ହେକ୍ଟରପ୍ରତି ୧୪.୫ କ୍ୱିଣ୍ଟାଲ ବିଲମଟରର ଅମଳ କରିଥିଲେ । ଯାହାକି ତାଙ୍କର ପାରମ୍ପାରିକ ଚାଷ ପଦ୍ଧତି ଅପେକ୍ଷା ୩୧% ଅଧିକ ଥିଲା । ଏକ କ୍ଷେତ୍ର ଦିବସ ଆୟୋଜନ କରାଯାଇ ସେଠାରେ ଗ୍ରାମର ଏବଂ ଆଖପାଖ ଚାଷୀମାନଙ୍କୁ ଏହି ଜ୍ଞାନକୌଶଳର ସଫଳତା ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା । ଆଗାମୀ ଋତୁରେ ଚାଷୀମାନେ ଏହି ଜ୍ଞାନକୌଶଳକୁ ଆପଣାଇ ଅଧିକ ଉତ୍ପାଦନ କରିବା ପାଇଁ ସ୍ଥିର କରିଛନ୍ତି ।

This Newsletter is Printed, Published & Owned by Programme Co-ordinator, KVK, Sundargarh-II, Rourkela, Dist: Sundargarh, Pin: 759004,
Phone: 0661-2664050, e-mail: rourkelakvk@gmail.com, Web: www.kvksundargarh2.org, Printed at: ankitagraphics, BBSR, Cell 9437077337
Chief Editor: Jayant Kumar Pati

Ispat Krushi Bartta

ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପଞ୍ଚମ ବର୍ଷ | ଜାନୁଆରୀ-ମାର୍ଚ୍ଚ ୨୦୧୮ | ପ୍ରଥମ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକଙ୍କ କଲମରୁ



ବିଶ୍ୱ ତାପମାତ୍ରା ପରିବର୍ତ୍ତନ କୃଷି ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଛି । ନିଜର ବୁଦ୍ଧି ବଳଦ୍ୱାରା ସୀମିତ ସମ୍ବଳ ଏବଂ ଅନିଶ୍ଚିତ ଜଳବାୟୁ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠାକରି ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ସମସ୍ୟାର ମୁକାବିଲା କରିବା ଆଜି କୃଷକମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ଆମ୍ଭମାନଙ୍କୁ ପ୍ରାକୃତିକ ସମ୍ପଦ ପରିଚାଳନା, ଆପଦକାଳୀନ ସମ୍ଭାବ୍ୟ ଯୋଜନା, ଜଳବାୟୁ ସହଣୀ କାର୍ଯ୍ୟକ୍ରମ, ଫସଲ ବିବିଧ କରଣ, ଜୈବିକ କୃଷି, ସମନ୍ୱିତ କୃଷି, ସଂରକ୍ଷଣ କୃଷି, ସୁରକ୍ଷିତ କୃଷି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଇତ୍ୟାଦି ବିଷୟଗୁଡ଼ିକ ପ୍ରତି ଯଥୋଚିତ ଧ୍ୟାନ ଦେବାକୁ ପଡ଼ିବ । ଆଶା କରୁଛି ଯେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ସଫଳ ଭାବରେ ରୂପାୟନ କରିବାରେ କୃଷକ ଭାଇ ଭଉଣୀମାନଙ୍କୁ ସହାୟକ ହେବେ ।

ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ପ୍ରକାଶ ପାଉଥିବା ତ୍ରୟମାସିକ କୃଷି ସମାଚାର ଇସ୍ପାତ କୃଷି ବାର୍ତ୍ତା ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ଏଥିରେ ପ୍ରକାଶ ପାଇଥିବା ସମସ୍ତ ଜ୍ଞାନ-କୌଶଳ କୃଷକମାନଙ୍କୁ ଦିଗ୍ ଦର୍ଶନ ଦେବ । ମୁଁ ଏହି ସମାଚାର ପତ୍ରର ସଫଳତା କାମନା କରୁଛି ।



## ପୂର୍ବଭାରତ ଆଞ୍ଚଳିକ କୃଷିମେଳାରେ ଓଡ଼ିଶା ଚାଷି ପୁରସ୍କୃତ

ଭାଗଲପୁରସ୍ଥିତ ବିହାର କୃଷି ବିଶ୍ୱବିଦ୍ୟାଳୟ ଠାରେ ଗତ ଫେବୃୟାରୀ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଦୁଇଦିନଧରି ଏକ ଏକ କୃଷି ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଛଅଗୋଟି ରାଜ୍ୟକୁ ନେଇ ଆୟେଜିତ ହୋଇଥିବା ଏହି ମେଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରାଉରକେଲା ଓ ବରଗଡ଼ କୃଷିବିଜ୍ଞାନ କେନ୍ଦ୍ର ଏଥିରେ ପ୍ରତିନିଧିତ୍ୱ କରିଥିଲେ । ଏଥିରେ ଭାଗନେଇଥିବା ପୂର୍ବ ଭାରତର ୨୧ ଜଣ ଅଗ୍ରଣୀ କୃଷିଜୀବୀ ମହିଳା ଓ ପୁରୁଷ ଚାଷୀଙ୍କୁ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ରାଧାମୋହନ ସିଂହ ପୁରସ୍କୃତ କରିଥିଲେ । ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକ୍‌ର ଛତୁଚାଷୀ ଶ୍ରୀ ରମେଶଚନ୍ଦ୍ର ପଟ୍ଟନାୟକ ଓ ବରଗଡ଼ ଜିଲ୍ଲା ଭଟ୍ଟଲି ବ୍ଲକ୍‌ର ଉଦ୍ୟାନ କୃଷି କରୁଥିବା ଶ୍ରୀ ଫିରୋଜ ସାହୁଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଚିହ୍ନ ଦେଇ ସମ୍ମାନିତ କରାଯାଇଥିଲା । ସମସ୍ତ ପୂର୍ବଭାରତର ଛ'ଟି ରାଜ୍ୟରୁ କୃଷି ଓ ଆନୁସଂଗିକ କୃଷିରେ ଜଡ଼ିତ ଥିବା ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ଏହି ଚିତ୍ତାକର୍ଷକ ପ୍ରଦର୍ଶନୀରେ ଭାଗ ନେଇଥିଲେ । ଓଡ଼ିଶା ରାଜ୍ୟରୁ ଦୁଇଜଣ ଅଗ୍ରଣୀ ଚାଷୀ ପୁରସ୍କୃତ ହୋଇଥିବାରୁ ଏହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ତରଫରୁ ବରିଷ୍ଠ ବୈଜ୍ଞାନିକ ଡଃ. ଅନିଲ ସ୍ୱାଇଁ, ଜୟନ୍ତ ପତି, ସନତ ମେହେର ଓ ସହାୟକ କର୍ମଚାରୀ ଶ୍ରୀ ଏରାସଟସ ଡୁଙ୍ଗଡୁଙ୍ଗ କୃଷି ପ୍ରଦର୍ଶନୀରେ ଯୋଗଦାନ କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟକୁ ଏହି ପ୍ରଦର୍ଶନୀରେ ଦ୍ୱିତୀୟ ପୁରସ୍କାର ମିଳିଥିଲା ।

## ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଜୟନ୍ତ କୁମାର ପତି, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୀୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ
ଶ୍ରୀମତୀ ଅନୁଭା କୁଜୁର

**କମ୍ପ୍ୟୁଟର ସହାୟତା:** ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: kvksundergarh2.ouat@gmail.com
www.kvksundargarh2.org

## ବିଶ୍ୱ ପାଣିପାଗ ଦିବସ ପାଳିତ



କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ଆନୁକୂଲ୍ୟରେ ନୂଆଗାଁ ବ୍ଲକ୍‌ର ଚିକିଟିଆ ଗ୍ରାମରେ ବିଶ୍ୱ ପାଣିପାଗ ଦିବସ ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବର୍ତ୍ତମାନ ଜଳବାୟୁ ଓ ପାଣିପାଗ ଅତ୍ୟନ୍ତ ଅନିଶ୍ଚିତ ହୋଇଯାଇଛି ଏବଂ ଏହାଦ୍ୱାରା କୃଷିକାର୍ଯ୍ୟ ବିଶେଷ ଭାବରେ ପ୍ରଭାବିତ ହେଉଛି । ପାଣିପାଗର ଅନିୟମିତତା ଯୋଗୁଁ ଫସଲହାନି, ରୋଗପୋକର ପ୍ରାଦୁର୍ଭାବ ବୃଦ୍ଧି ଇତ୍ୟାଦି ସମସ୍ୟା ଦେଖାଯିବା ସହିତ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଉଛି ଏବଂ ଚାଷୀ ନିଜ ଖର୍ଚ୍ଚ ତୁଳନାରେ ଯଥେଷ୍ଟ ଲାଭ ପାଇ ପାରୁନାହିଁ । ଯଦି ଚାଷୀମାନେ ପାଣିପାଗର ପୂର୍ବସୂଚନାକୁ ପ୍ରାପ୍ତ କରି ସେହି ଅନୁସାରେ ଜମି ପ୍ରସ୍ତୁତି, ମଞ୍ଜି ବୁଣିବା, ଜଳସେଚନ ଇତ୍ୟାଦି କାର୍ଯ୍ୟ ସାରଣୀ ପ୍ରସ୍ତୁତ କରିବେ ତା'ହେଲେ ଅନିଶ୍ଚିତ ଏବଂ ଅନିୟମିତ ପାଣିପାଗର ପ୍ରକୋପରୁ ସେମାନେ ନିଜ ଫସଲକୁ ରକ୍ଷା କରିବାରେ ସମର୍ଥ ହୋଇ ପାରିବେ । ଏହି ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ପାଣିପାଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକବୃନ୍ଦ ଏବଂ ନୂଆଗାଁର ସହକାରୀ କୃଷି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପାଖାପାଖି ଗ୍ରାମର ଅନ୍ୟୁନ ୫୦ଜଣ କୃଷିଜୀବୀ ମହିଳା ଓ ପୁରୁଷ ଏହି କାର୍ଯ୍ୟକ୍ରମରେ ଭାଗନେଇ ଉପକୃତ ହୋଇଥିଲେ ।



## ବୈଜ୍ଞାନିକମଣ୍ଡଳୀ ପରାମର୍ଶ ବୈଠକ



ଚଳିତ ବର୍ଷ ୨୦୧୭-୧୮ ମସିହା ବୈଜ୍ଞାନିକମଣ୍ଡଳୀ ପରାମର୍ଶ ବୈଠକ କୃଷି ବିଜ୍ଞାନ କେନ୍ଦ୍ର, କିରେଇ ଓ କୃଷିବିଜ୍ଞାନ କେନ୍ଦ୍ର, ରାଉରକେଲାର ମିଳିତ ଉଦ୍ୟମରେ କିରେଇ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଂପ୍ରସାରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ମନୋରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ଉପ କୃଷି ନିର୍ଦ୍ଦେଶକ ରବିନାରାୟଣ ଶତପଥୀଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଯେପରିକି ପଶୁପାଳନ, ମତ୍ସ୍ୟ, ବନବିଭାଗ, ବ୍ୟାଙ୍କ ଅଧିକାରୀ ଇତ୍ୟାଦି ଯୋଗଦାନ କରିଥିଲେ । କୃଷିବିଜ୍ଞାନ କେନ୍ଦ୍ର, ରାଉରକେଲାର ବିଗତ ବର୍ଷର କାର୍ଯ୍ୟାବଳୀକୁ ଉପସ୍ଥାପନା କରିବା ସହିତ ବରିଷ୍ଠ ବୈଜ୍ଞାନିକ ଆଗାମୀ ବର୍ଷର କାର୍ଯ୍ୟସାରଣୀକୁ ବୈଠକରେ ଆଲୋଚନା କରିଥିଲେ । ସମସ୍ତ ବିଶେଷଜ୍ଞମାନେ କୃଷକ ମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ବିଶ୍ରା ଓ ନୂଆଗାଁ ବ୍ଲକ୍‌ର ଅଗ୍ରଣୀ ଚାଷୀ ଓ କୃଷିଜୀବୀ ମହିଳା ସଦସ୍ୟମାନେ ଉପସ୍ଥିତ ରହି ନିଜନିଜ ଅଞ୍ଚଳର କୃଷି କାର୍ଯ୍ୟର ସୁବିଧା-ଅସୁବିଧା ସଂପର୍କରେ ଆଲୋଚନା କରିବା ସହିତ ସମସ୍ୟା ସମାଧାନ ନିମନ୍ତେ ଉପସ୍ଥିତ ବୈଜ୍ଞାନିକମଣ୍ଡଳୀକୁ ଅବଗତ କରାଇଥିଲେ ।

## କୃଷି ଉନ୍ନତି ମେଳା ଓ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର




ସର୍ବଭାରତୀୟ ସ୍ତରରେ ଆୟୋଜିତ କୃଷି ଉନ୍ନତି ମେଳାର ସିଧା ପ୍ରସାରଣକୁ ଆଧାରକରି ନୂଆଗାଁ ବ୍ଲକ୍, ଆତ୍ମା କାର୍ଯ୍ୟାଳୟ ପରିସରରେ ଏକ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଚଳିତ ମାର୍ଚ୍ଚ ମାସ ୧୭ ତାରିଖରେ ଆୟୋଜିତ ହୋଇଥିଲା । ଏହି ଅବସରରେ ମାନ୍ୟବର କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରତିନିଧି, ଜିଲ୍ଲା କୃଷି ଅଧିକାରୀ, ପାନପୋଷ ଏବଂ ସମସ୍ତ କୃଷି କର୍ମଚାରୀମାନେ ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ । ଏହି ଦିନ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ସିଧା ପ୍ରସାରଣ ହେଉଥିବା ଚାଷୀମାନଙ୍କ ପାଇଁ ବାର୍ତ୍ତାକୁ ସମସ୍ତେ ନୀରବରେ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀ ଯୋଗ ଦେଇଥିଲେ । ଏହାଦ୍ୱାରା ସେମାନଙ୍କ ମନରେ କୃଷିପ୍ରତି ସଚେତନତା ଓ ଆଗ୍ରହ ବୃଦ୍ଧି ପାଇଥିଲା ।







## କୃଷି ଓଡ଼ିଶା-୨୦୧୮ରେ ରାଉରକେଲାର ଚାଷୀ






ଭୁବନେଶ୍ୱର ଠାରେ ଚଳିତ ମାର୍ଚ୍ଚ ୬ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କୃଷି ଓଡ଼ିଶା-୨୦୧୮ରେ ଅଂଶଗ୍ରହଣ କରିବା ପାଇଁ ଆମ କୃଷି ବିଜ୍ଞାନ କେନ୍ଦ୍ର ଅନ୍ତର୍ଗତ ବିଶ୍ରା ଓ ନୂଆଗାଁ ବ୍ଲକ୍‌ରୁ ତିନିଜଣ ପୁରୁଷ ଓ ତିନିଜଣ ମହିଳା ଚାଷୀଙ୍କୁ ନେଇ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀ ସଂଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି ଅବସରରେ ସେମାନଙ୍କୁ ଭାରତୀୟ କୃଷି ଓ ଅନୁସଂଧାନ ପରିଷଦର ପରିଚାଳନା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଉଦ୍ୟାନ କୃଷି ଫାର୍ମ (CHES) ଓ ଆଞ୍ଚଳିକ କେନ୍ଦ୍ରୀୟ କନ୍ଦଫସଲ ଅନୁସଂଧାନ ସଂସ୍ଥା (CTCRI) ଏବଂ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ଫାର୍ମକୁ ମଧ୍ୟ ପରିଭ୍ରମଣରେ ନିଆଯାଇଥିଲା । ଓଡ଼ିଶା କୃଷି ମହୋତ୍ସବରେ ମଧ୍ୟ ସେମାନେ ଯୋଗଦାନ କରି, ବିଭିନ୍ନ ନୂତନ ଜ୍ଞାନକୌଶଳ ଉପରେ ଆଧାରିତ ପ୍ରଦର୍ଶନୀ ବୁଲି ଦେଖିଥିଲେ । ଏହିପରି କାର୍ଯ୍ୟକ୍ରମଗୁଡ଼ିକରେ ଆମ କେନ୍ଦ୍ର ପକ୍ଷରୁ ଚାଷୀ ଭାଇ-ଭଉଣୀମାନଙ୍କୁ ନିଆଯାଇ ସେମାନଙ୍କର ଜ୍ଞାନ ଓ ଦକ୍ଷତା ବୃଦ୍ଧି କରାଯାଇଥାଏ ।

## ବାଇଗଣ ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଆଗୁଆ ଧାଡ଼ି ପ୍ରଦର୍ଶନ



ସୁନ୍ଦରଗଡ଼ ଜିଲ୍ଲାରେ ବାଇଗଣ ଏକ ମୁଖ୍ୟ ପରିବା ରୂପେ ପରିଗଣିତ ହୋଇଥାଏ କିନ୍ତୁ ଉପଯୁକ୍ତ ଜ୍ଞାନ କୌଶଳ ଅଭାବରୁ ଚାଷୀମାନେ ଏହି ଫସଲରୁ ଆଶାନୁରୂପ ଲାଭ ପାଇପାରି ନଥାନ୍ତି । ଏହି ଅସୁବିଧାକୁ ଆଖିଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ବାଇଗଣ ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି ପ୍ରଦର୍ଶନ ପାଇଁ ପୋଷ୍ୟଗ୍ରାମ ପୁଟୁରିଖମନର ୫ଜଣ ଚାଷୀଙ୍କ ମାଟୀ ପରୀକ୍ଷା କରାଯାଇ ୟୁରିଆ, ଡିଏପି ଏବଂ ପଟାସ୍ ସାର ପ୍ରଦାନ କରାଯାଇଥିଲା । ଏହାସହ ସେମାନଙ୍କୁ ହେକ୍ଟର ପିଛା ୫କିଲୋ ଆଜୋସ୍ପିରିଲୟମ ଜୈବିକ ସାର ମଧ୍ୟ ଯୋଗାଇ ଦିଆଯାଇଥିଲା । ଖାଦ୍ୟସାର ପ୍ରୟୋଗର ବିଧି, ପରିମାଣ ଏବଂ ସମୟ ବାବଦରେ ସେମାନଙ୍କୁ ସମୟସମୟରେ ପରାମର୍ଶ ଦିଆଯାଇଥିଲା । ଏହି ଉପାୟରେ ଖାଦ୍ୟସାର ପ୍ରୟୋଗ କରିବା ଯୋଗୁ ସେମାନେ ହେକ୍ଟର ପ୍ରତି ପ୍ରାୟ ୩୬୫ କ୍ୱିଣ୍ଟାଲ ବାଇଗଣ ଅମଳ କରି ପାରିଥିଲେ । ଯାହାକି ତାଙ୍କର ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ପ୍ରାୟ ୧୪% ଅଧିକ ଥିଲା । ଜୀବାଣୁ ସାରର ପ୍ରୟୋଗ ଯୋଗୁ ସେମାନଙ୍କର ଜମିରେ ମାଟିର ଗୁଣବତ୍ତା ବୃଦ୍ଧି ପାଇଥିଲା । ଆଗାମୀ ଦିନରେ ସେମାନେ ରାସାୟନିକ ସାର ସହିତ ବିଭିନ୍ନ ଫସଲରେ ଜୀବାଣୁ ସାର ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ।

## ମଧୁର ମକା ସୁଗାର-୭୫ କିସମର ଆଗୁଆ ଧାଡ଼ି ପ୍ରଦର୍ଶନ



ଧାନପରେ ମକା ଏକ ମୁଖ୍ୟ ରୂପେ ଆମ ଜିଲ୍ଲାରେ ଚାଷ କରାଯାଇଥାଏ । କିନ୍ତୁ କୌଣସି ପ୍ରକାର ଶୁଖିଲା ମକା ଦାନାର ବଜାର ନଥିବାରୁ ଚାଷୀମାନେ କଞ୍ଚାମକା ବିକ୍ରିକରି ଆଶାନୁରୂପ ଲାଭ ପାଇପାରି ନଥାନ୍ତି । ଏହାକୁ ହୃଦୟଙ୍ଗମକରି କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ମକା ଚାଷ ବଦଳରେ ମଧୁର ମକାର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ପୋଷ୍ୟଗ୍ରାମ ଖଟନକୁଦର ଠାରେ ଗ୍ରହଣ କରାଯାଇଥିଲା । ଏହି ଗ୍ରାମର ଚାଷୀମାନଙ୍କୁ ମଧୁର ମକା କିସମ ସୁଗାର-୭୫ର ବିହନ ଯୋଗାଇ ଦିଆଯାଇଥିଲା । ଯେହେତୁ ମକା ଏବଂ ମଧୁର ମକାର ଚାଷ ପଦ୍ଧତି ପ୍ରାୟ ଏକା ଭଳି ତେଣୁ ସେମାନଙ୍କୁ ଏହି ଚାଷ କରିବା ପାଇଁ ବିଶେଷ ଅସୁବିଧା ହେଲାନାହିଁ । ସେମାନଙ୍କୁ ଜମି ପ୍ରବନ୍ଧନ, ଚାଷପ୍ରୟୋଗ, ଜଳସେଚନ ଏବଂ ରୋଗପୋକ ବିଷୟରେ ପ୍ରଶିକ୍ଷଣ ଦିଆଯାଇ ଥିଲା । ସେମାନେ ମଧୁର ମକା ଚାଷକରି ହେକ୍ଟର ପିଛା ପ୍ରାୟ ୯୫ କ୍ୱିଣ୍ଟାଲ ଅମଳ କରିଥିଲେ । ଯେହେତୁ ରାଉରକେଲା ସହରରେ ମଧୁର ମକାର ଚାହିଦା ଅଧିକ ସେମାନେ କିଲୋ ପିଛା ଏହାକୁ ୩୦ଟଙ୍କାରେ ବିକ୍ରିକରି ପ୍ରତ୍ୟେକ ଚାଷୀ ପ୍ରାୟ ୧୧୦୦୦ଟଙ୍କା ଲେଖାଏଁ ଲାଭ କରିଥିଲେ । ଆଗାମୀ ଦିନରେ ସେମାନେ ଏବଂ ଗ୍ରାମର ଅନ୍ୟଚାଷୀମାନେ ସେମାନଙ୍କ ଜମିରେ ମକା ବଦଳରେ ମଧୁର ମକା ଚାଷ କରିବା ପାଇଁ ମନସ୍ଥ କରିଛନ୍ତି ।

Ispat Krushi Bartta